## ସଂକ୍ଷେପରେ

### ଖୁଲଣା ହତ୍ୟା ମାମଲା ୭ ବର୍ଷ ପରେ ମଧ୍ୟପ୍ରଦେଶରୁ ଅଭିଯୁକ୍ତ ସ୍ୱାମୀ ଗିରଫ

**ଢେଙ୍କାନାଳ ଅଫିସ, ୨୦।୪:** ଢେଙ୍କାନାଳ ସଦର ଥାନା ଝାରଗାଡ଼ିଆ ଫାଣ୍ଡି ସରଦେଈପୁର ଗ୍ରାମର ଖୁଲଣା ପ୍ରତିହାରୀ ହତ୍ୟାକାଣ୍ଡ ମାମଲାର ୭ବର୍ଷ ପରେ ଅଭିଯୁକ୍ତ ସ୍ୱାମୀ ରାମଜୀ ଆଇଗୁହାଙ୍କୁ ମଧ୍ୟପ୍ରଦେଶରୁ ପୋଲିସ ଗିରଫ କରିଛି। ୨୦୧୬ରେ ପାରିବାରିକ କଳହକୁ କେନ୍ଦ୍ରକରି ରାମଜୀ ସ୍ତ୍ରୀ ଖୁଲଣାଙ୍କୁ ହତ୍ୟାକରି ଫେରାର ହୋଇଯାଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ସଦର ଥାନାରେ ସେହି ସମୟରେ ନଂ. ୨୪୫/୧୬ରେ ଏକ ମାମଲା ରୁଜୁ କରାଯାଇଥିଲା। ଅଭିଯୁକ୍ତ ରାମଜୀଙ୍କ ଘର ମଧ୍ୟପ୍ରଦେଶ ରାଇସେନ୍ ଜିଲା କୀରାଟପୁର ଥାନା ବେଗମଗଞ୍ଜ୍ ଅଞ୍ଚଳରେ। ସେ ହତ୍ୟାପରେ ନିଜ ଘରକୁ ପଳାଇଯାଇ ସେଠାରେ ଆତ୍ମଗୋପନ କରିଥିଲେ। ପୋଲିସ ମଧ୍ୟ ଘଟଣାକୁ ଗୁରୁତ୍ୱର ସହ ନେଇ ନ ଥିଲା। କୌଣସି ସୂତ୍ରରୁ ସୂଚନା ପାଇ ଢେଙ୍କାନାଳ ଜିଲା ପୋଲିସର ଏକ ଟିମ୍ ଅଭିଯୁକ୍ତଙ୍କୁ ଉତ୍ତରପ୍ରଦେଶରୁ ଗୁରୁବାର ରାତିରେ ଗିରଫ କରିଥିବା ଜଣାପଡ଼ିଛି।

# ପୁଣି ସମୟ ନେଲେ ଦୁଇଗୋଷ୍ଠୀ

**ଢେଙ୍କାନାଳ ଅଫିସ, ୨୦।୪(ଡି.ଏନ୍.ଏ.)**



ବୈଠକରେ ଜିଲାପାଳ, ବିଧାୟକଙ୍କ ସମେତ ଅନ୍ୟମାନେ।

■ମହିମାଗାଦି ବିବାଦ ଅଡୁଆ ତୁଟୁନାହିଁ
■ସହମତିରେ ସମାଧାନ ପାଇଁ ନିବେଦନ

ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମହିମାଗାଦିର ବିବାଦୀୟ ତୃତୀୟ ବେଢ଼ାରୁ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ହୋଇଥିବା ଉଚ୍ଛେଦକୁ ଇତିମଧ୍ୟରେ ବିତିଗଲାଣି ୪ ମାସ। ତଥାପି କୌପିନଧାରୀ ଏବଂ ବଲ୍କଲଧାରୀ ସନ୍ନ୍ୟାସୀ ଗୋଷ୍ଠୀ ମଧ୍ୟରେ ବିବାଦ ତୁଟୁନାହିଁ। ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ଉଭୟ ପକ୍ଷ ପୁଣି ଗୋଟିଏ ଦିନ ମାଗିବା ପରେ ଗୁରୁବାର ଜିଲା କାର୍ଯ୍ୟାଳୟ ଓସ୍ୱାନ୍ ହଲ୍‌ରେ ଅନୁଷ୍ଠିତ ସମାଧାନ ବୈଠକ ବିଫଳ ହୋଇଛି।

ଜିଲା ପ୍ରଶାସନ, ଜନପ୍ରତିନିଧିଙ୍କ ବାରମ୍ବାର ଉଦ୍ୟମ ସତ୍ତ୍ୱେ ଦୁଇ ସନ୍ନ୍ୟାସୀ ଗୋଷ୍ଠୀଙ୍କ ମଧ୍ୟରେ ଆପୋସ ବୁଝାମଣା ହୋଇପାରୁନାହିଁ। ତେଣୁ ବିବାଦର ଅନ୍ତ ଏବଂ ଚୂଡ଼ାନ୍ତ ସମାଧାନ ପାଇଁ ଗୁରୁବାର ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଡକାଯାଇଥିଲା। ଏଥିରେ ବିଧାୟକ ସୁଧୀର କୁମାର ସାମଲ, ଏସ୍‌ପି ଜ୍ଞାନରଞ୍ଜନ ସାମଲଙ୍କ ସମେତ ଦୁଇଗୋଷ୍ଠୀର ସାଧୁସନ୍ଥ ଉପସ୍ଥିତ ଥିଲେ। ମହିମା ଗାଦିର ବିକାଶ ପାଇଁ ସରକାରଙ୍କ ଯୋଜନା ରହିଛି। ତେଣୁ ସବୁ ମାନ, ଅଭିମାନ ଭୁଲି ମିଳିମିଶି ମହିମା ଗୋସାଇଁଙ୍କ ଉପାସନା କରିବା ପାଇଁ ବିଧାୟକ ନିବେଦନ କରିଥିଲେ। ଆଇନ ଅନୁଯାୟୀ ନୀତିକାନ୍ତି କରିବା, ବିବାଦର ସ୍ଥାୟୀ ସମାଧାନ ପାଇଁ ଯତ୍ନବାନ ହେବା ଓ ଶାନ୍ତିପୂର୍ଣ୍ଣ ଭାବେ ଉପାସନା କରିବାକୁ ଜିଲାପାଳ ଏବଂ ଏସ୍‌ପି ପରାମର୍ଶ ଦେଇଥିଲେ। ଏହାସତ୍ତ୍ୱେ ଦୁଇ ସାଧୁସନ୍ଥ ଗୋଷ୍ଠୀ ଚୂଡ଼ାନ୍ତ ନିଷ୍ପତ୍ତିରେ ପହଞ୍ଚିପାରି ନ ଥିଲେ। ଶୁକ୍ରବାର ଶୂନ୍ୟମନ୍ଦିରରେ ଆଲୋଚନା କରିବା ପରେ ବିଧାୟକ ଏବଂ ପ୍ରଶାସନକୁ ଜଣାଇବୁ ବୋଲି ଉଭୟ ଗୋଷ୍ଠୀର ପ୍ରତିନିଧିମାନେ କହିଥିଲେ। ତେବେ ବିବାଦର ସମାଧାନ ହେବା ପରିବର୍ତ୍ତେ ଦିନ ଗଡ଼ି ଚାଲିଥିବାରୁ ଉଭୟ ଗୋଷ୍ଠୀ ନିଜ ଭିତରେ ଆଲୋଚନା କରି ଜଣାନ୍ତୁ ବୋଲି କହି ବିଧାୟକ, ଜିଲାପାଳ, ଏସ୍‌ପି ବୈଠକରୁ ଉଠି ଜିଲାପାଳଙ୍କ ପ୍ରକୋଷ୍ଠକୁ ପଳାଇଥିଲେ। ଏହା ପରେ ସେମାନେ ନିଜ ଭିତରେ ଆଲୋଚନା କରି ଗୋଟିଏ ଦିନ ସମୟ ପ୍ରଦାନ ପାଇଁ ନିବେଦନ କରିଥିଲେ। ବୈଠକରେ ବଲ୍କଲଧାରୀ ଗୋଷ୍ଠୀ ପକ୍ଷରୁ ବାବା ନିତ୍ୟାନନ୍ଦ, କୌପିନଧାରୀ ଗୋଷ୍ଠୀ ପକ୍ଷରୁ ରଘୁନାଥ ବାବା, ଅବିନାଶୀ ବାବା, ପ୍ରଶାସନ ପକ୍ଷରୁ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ବିଡିଓ ଆଶିଷ ରଞ୍ଜନ ସାହୁ, ଥାନା ଅଧିକାରୀ ସତ୍ୟବ୍ରତ ଭୂତିଆ ପ୍ରମୁଖ ଉପସ୍ଥିତ ଥିଲେ।

# ୫ ବର୍ଷ ପରେ ଆର୍‌ଆଇ ଅଟକ

**ସିସିଆର୍‌ରେ ଜିଲାପାଳଙ୍କ ଜାଲ୍ ଦସ୍ତଖତ ମାମଲା**
■ଦସ୍ତାବିଜ୍ ଯାଞ୍ଚ, ତନାଘନା ଜାରି

**ଢେଙ୍କାନାଳ ଅଫିସ, ୨୦।୪**

ଢେଙ୍କାନାଳ ଜିଲାରେ ୨୦୧୮ରେ ଜଣେ ଆର୍‌ଆଇ ନିଜ ସିସିଆର୍‌ରେ ତତ୍କାଳୀନ ଜିଲାପାଳଙ୍କ ଦସ୍ତଖତ ଜାଲ କରିଥିବା ଘଟଣା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏହି ଘଟଣାର ଅଭିଯୁକ୍ତ ତଥା ସେତେବେଳର ଗଁଦିଆ ଓ ଭୁବନ ତହସିଲ ଯୁଗ୍ମ ଦାୟିତ୍ୱରେ ଥିବା ଆର୍‌ଆଇ ବିଶ୍ୱନାଥ ପ୍ରଧାନଙ୍କୁ ୫ବର୍ଷ ପରେ ଟାଉନଥାନା ପୋଲିସ ଗୁରୁବାର କାମାକ୍ଷାନଗରରୁ ଉଠାଇ ଆଣି ପଚରାଉଚରା କରୁଛି। ଆର୍‌ଆଇଙ୍କ ସିସିଆର ଓ ଅନ୍ୟ ଦସ୍ତାବିଜ୍ ଜବତ କରି ଯାଞ୍ଚ କରାଯାଉଛି।

ଅଭିଯୋଗରୁ ଜଣାପଡ଼ିଛି, ଆର୍‌ଆଇ ବିଶ୍ୱନାଥ ନିଜ ସିସିଆର୍‌ରେ ତାଙ୍କ କାର୍ଯ୍ୟଦକ୍ଷତା ଅତି ସନ୍ତୋଷଜନକ ବୋଲି ଲେଖି ତତ୍କାଳୀନ ଜିଲାପାଳ ରୂପାରୋଶନ ସାହୁଙ୍କ ଜାଲ ଦସ୍ତଖତ କରିଥିଲେ। ତେବେ ଏହା ରୂପାରୋଶନଙ୍କ ଦସ୍ତଖତ ନୁହେଁ ବୋଲି ସେ ସ୍ପଷ୍ଟ କରିଥିଲେ। ହେଲେ ଘଟଣା ଧରାପଡ଼ିବା ବେଳକୁ ରୂପାରୋଶନଙ୍କ ଅନ୍ୟତ୍ର ବଦଳି ହୋଇଯାଇଥିଲା। ସେତେବେଳର ଜିଲାପାଳ ଥିବା ନିଖିଲ ପଓ୍ୱନ କଲ୍ୟାଣ ଏ ସଂକ୍ରାନ୍ତରେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ନଂ. ୧୦୧/୧୮ରେ ଏକ ମାମଲା ରୁଜୁ ହୋଇଥିଲା। ତେବେ ପୋଲିସ ଏହାକୁ ଅତି ହାଲୁକା ଭାବେ ନେଇଥିଲା। ଘଟଣାର ଦୀର୍ଘ ୫ବର୍ଷ ପରେ ଟାଉନ ଥାନା ପୋଲିସ ମାମଲାର ତଦନ୍ତ ଆରମ୍ଭ କରିଥିଲା। ଇତିମଧ୍ୟରେ ବିଶ୍ୱନାଥଙ୍କ କାମାକ୍ଷାନଗର ତହସିଲକୁ ବଦଳି ହୋଇଥିବାବେଳେ ପୋଲିସ ତାଙ୍କୁ ସେଠାରୁ ଉଠାଇ ଆଣି ତନାଘନା ଆରମ୍ଭ କରିଛି। ପଚରାଉଚରା ସମୟରେ ବହୁ ତଥ୍ୟ ଜଣାପଡ଼ିଛି। ତତ୍କାଳୀନ ଅତିରିକ୍ତ ଜିଲାପାଳଙ୍କ ଷ୍ଟେନୋ, ପୂର୍ବତନ ଜିଲାପାଳଙ୍କ ଠିକାରେ ଗାଡ଼ି ଚଳାଉଥିବା ଡ୍ରାଇଭର ସେହି ସମୟରେ ଫାଇଲପତ୍ର ନେବା ଆଣିବା କରୁଥିଲେ। ସେମାନଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇଛି। ଶୁକ୍ରବାର ଉଭୟଙ୍କୁ ପଚରାଉଚରା କରାଯିବ ବୋଲି ଟାଉନ ଥାନାଧିକାରୀ ରାଜେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ଅଗ୍ନିବିପନ୍ନଙ୍କୁ ରିଲିଫ୍ ପ୍ରଦାନ

**ଢେଙ୍କାନାଳ ଅଫିସ, ୨୦।୪**

ଢେଙ୍କାନାଳ ସଦର ଥାନା ଗୋବିନ୍ଦପ୍ରସାଦ ଗ୍ରାମରେ ବୁଧବାର ଅଗ୍ନିକାଣ୍ଡ ଘଟି ୧୩ ପରିବାରର ୧୫ ବଖରା ଘର ଧ୍ୱଂସ ହୋଇଯାଇଥିଲା। ଅଗ୍ନିବିପନ୍ନ ପରିବାରକୁ ଗୁରୁବାର ବିଭିନ୍ନ ମହଲରୁ ସମବେଦନାର ସୁଅ ଛୁଟିଛି। ଏମ୍‌ପି ମହେଶ ସାହୁ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲାପାଳ ସରୋଜ କୁମାର ସେଠୀ ଗ୍ରାମରେ ପହଞ୍ଚି କ୍ଷତିଗ୍ରସ୍ତଙ୍କୁ ଆଶ୍ୱାସନା ଜଣାଇବା ସହ ରିଲିଫ୍ ପ୍ରଦାନ କରିଛନ୍ତି। ଅଗ୍ନିବିପନ୍ନଙ୍କ ଜୀବନଜୀବିକା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ଏବଂ ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ୨ ଲକ୍ଷ ୮୬ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ଏଥିସହ ଶୁଖିଲା ଖାଦ୍ୟ, ରନ୍ଧାଖାଦ୍ୟ, ପଲିଥିନ, ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଇଛି। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ରିଲିଫ୍ ପାଣ୍ଠିରୁ କ୍ଷତିଗ୍ରସ୍ତଙ୍କୁ ଗୃହ ନିର୍ମାଣ ପାଇଁ ସହାୟତା ପ୍ରଦାନ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ତହସିଲଦାର ବାଣୀ ନିବେଦିତା ସ୍ୱାଇଁ, ଜିଲା ଜରୁରିକାଳୀନ ଅଧିକାରୀ ଲୋପାମୁଦ୍ରା ରଥ ପ୍ରମୁଖ ଉପସ୍ଥିତ ଥିଲେ।


ରିଲିଫ୍ ପ୍ରଦାନ ଅବସରରେ ବିଧାୟିକା, ଜିଲାପାଳଙ୍କ ସମେତ ଅନ୍ୟମାନେ।

# ଗଣତନ୍ତ୍ରର ସୁରକ୍ଷା ପାଇଁ 'ଜୟ ଭାରତ ସତ୍ୟାଗ୍ରହ'




**ଢେଙ୍କାନାଳ ଅଫିସ, ୨୦।୪**

ଗଣତନ୍ତ୍ର ଓ ଗଣତାନ୍ତ୍ରିକ ଅନୁଷ୍ଠାନର ସୁରକ୍ଷା ଦାବିରେ ଢେଙ୍କାନାଳ ଜିଲା କଂଗ୍ରେସ କମିଟି ପକ୍ଷରୁ 'ଜୟ ଭାରତ ସତ୍ୟାଗ୍ରହ' ସଭା ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ସଭାପତି ସୁରେଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଦଳୀୟନେତା ଡା. ତୁଷାରକାନ୍ତି ନାୟକ ଯୋଗଦେଇ କେନ୍ଦ୍ର ସରକାରଙ୍କ ଉପରେ ପ୍ରବଳ ବର୍ଷିଥିଲେ। କ୍ଷମତା ଲାଳସାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନ୍ଧ ହୋଇଯାଇଛନ୍ତି। ପ୍ରଧାନମନ୍ତ୍ରୀ ଭଳି ପଦବୀରେ ଥିଲେ ସୁଦ୍ଧା ସମ୍ବିଧାନ ପ୍ରତି ତାଙ୍କର ସାମାନ୍ୟ ସମ୍ମାନ ନାହିଁ। କେନ୍ଦ୍ରୀୟ ସଂସ୍ଥା କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ କାମ କରୁଛନ୍ତି ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଅନ୍ୟତମ ଅତିଥି ଭାବେ ଗାନ୍ଧୀ ଅଧ୍ୟୟନ କେନ୍ଦ୍ର କାର୍ଯ୍ୟକାରୀ ସଭାପତି ସରୋଜ ଶତପଥୀ ଯୋଗଦେଇ କେନ୍ଦ୍ର ସରକାରଙ୍କ ସ୍ୱେଚ୍ଛାଚାରୀ, ଏକଚ୍ଛତ୍ରବାଦୀ ନୀତିର ତୀବ୍ର ନିନ୍ଦା କରିଥିଲେ। ସୁଭାସିନୀ ମହାକୁଡ଼, ବିପ୍ରବର ସାହୁ, ରବିନାରାୟଣ ମହାନ୍ତି, ବିନୟ ସାହୁ, ପ୍ରିୟବ୍ରତ ଗଡ଼ନାୟକ, ବୁଦ୍ଧିଜୀବୀ ସଙ୍ଗଠନ ସଦସ୍ୟ ରୁଦ୍ରପ୍ରକାଶ ସରଣ ପ୍ରମୁଖ ଗଣତାନ୍ତ୍ରିକ ବ୍ୟବସ୍ଥାର ଅବକ୍ଷୟ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାରେ କଂଗ୍ରେସର ବରିଷ୍ଠ ନେତା ସୁନୀଲ ଦାସ, ନିଶାକର ସାହୁ, ଶିଳ୍ପୀଶ୍ରୀ ହରିଚନ୍ଦନ, ରୋସନାରା ବେଗମ୍, ଟାଉନ କଂଗ୍ରେସ ସଭାପତି ହାଇଦର ମହମ୍ମଦ, ରବିନାରାୟଣ ମହାନ୍ତି, ପ୍ରମୋଦ ରାଉତ, ରୁବିନା ବେଗମ ପ୍ରମୁଖ ଯୋଗଦାନ କରିଥିଲେ। ମହିଳା କଂଗ୍ରେସ ସଭାନେତ୍ରୀ ସ୍ମିତାରାଣୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଚ୍ଛେଦ ବେଳେ ଉତ୍ତେଜନା

**ଢେଙ୍କାନାଳ ଅଫିସ, ୨୦।୪**

ଢେଙ୍କାନାଳ ପୌରାଞ୍ଚଳ ୧ନଂ. ୱାର୍ଡ କାଠଗଡ଼ା ଜୁଆଙ୍ଗ ସାହି ଅଞ୍ଚଳରେ ପୌର ପ୍ରଶାସନ ପକ୍ଷରୁ ଚାଲିଥିବା ଜବରଦଖଲ ଉଚ୍ଛେଦକୁ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଫଳରେ ଉଚ୍ଛେଦ କାର୍ଯ୍ୟ ସ୍ଥଗିତ ରଖାଯାଇଛି। ସୂଚନାଯୋଗ୍ୟ, ଉକ୍ତ ସରକାରୀ ଜମିରେ କେତେକ ଅର୍ଦ୍ଧନିର୍ମିତ ଘର ପରିତ୍ୟକ୍ତ ଅବସ୍ଥାରେ ଅଛି। ସେଠାରେ କେହି ରହୁ ନ ଥିବାରୁ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ଯୋଜନା କରାଯାଇଥିଲା। ତେବେ ବିରୋଧାଭାସ ପରେ ପୁଣି ଥରେ ଜମି ଚିହ୍ନଟ କରି ଉଚ୍ଛେଦ କରାଯିବ ବୋଲି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଛି। ଖୁବଶୀଘ୍ର ରଥଗଡ଼ା ଅଞ୍ଚଳରେ ଡ୍ରେନ୍‌କୁ ମାଡ଼ିବସିଥିବା ଏବଂ ଡ୍ରେନ୍ ଉପରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନରେ ଜେସିବି ବୁଲିବ ବୋଲି ପୌର ନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ର ସୂଚନା ଦେଇଛନ୍ତି।


ଜବରଦଖଲ ଉଚ୍ଛେଦ ବେଳେ ଉତ୍ତେଜନା।

# ୫–ଟି ଅନୁଦାନ ବାଟମାରଣା

**ଢେଙ୍କାନାଳ ଅଫିସ, ୨୦।୪**




■ଶୌଚାଳୟ, ଜଳଯୋଗାଣ ଗୃହ କାର୍ଯ୍ୟ ନିମ୍ନମାନର
■ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କଲେ ଗ୍ରାମବାସୀ

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କାଣ୍ଡବିନ୍ଧା ପଞ୍ଚାୟତର ରଘୁନାଥଜୀଉ ବିଦ୍ୟାମନ୍ଦିରରେ '୫–ଟି' ଅନୁଦାନରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟରେ ଅର୍ଥ ବାଟମାରଣା କରାଯାଉଥିବା ଅଭିଯୋଗ ହୋଇଛି। ଶୌଚାଳୟ, ଜଳଯୋଗାଣ ଗୃହ କାର୍ଯ୍ୟ ଠିକ୍ ଭାବେ ହେଉ ନ ଥିବା ନେଇ ଗ୍ରାମ ପରିଚାଳନା କମିଟି ସଭାପତି ଜାନକୀଦତ୍ତ ଦଳବେହେରା, ସଂଗ୍ରାମ ସାହୁ, ଧନେଶ୍ୱର ସାହୁ ପ୍ରମୁଖ ବୁଧବାର ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

'୫–ଟି' ଅନୁଦାନରେ ସ୍କୁଲ ଭିତ୍ତିଭୂମି ବିକାଶମୂଳକ କାର୍ଯ୍ୟ ଜାରି ରହିଛି। ହେଲେ କାମ ନେଇଥିବା ଠିକାଦାର ନିୟମ ଅନୁଯାୟୀ କାମ କରୁ ନ ଥିବା ଗ୍ରାମ ପରିଚାଳନା କମିଟି ପକ୍ଷରୁ ଅଭିଯୋଗ ହୋଇଛି। ସରକାରଙ୍କ ଅନୁମୋଦିତ ସିମେଣ୍ଟ ପରିବର୍ତ୍ତେ ବଜାରରେ ମିଳୁଥିବା ନିମ୍ନମାନର ସିମେଣ୍ଟ ବ୍ୟବହାର ହେଉଛି। କଂକ୍ରିଟ ଢଳେଇ ପୂର୍ବରୁ ମେଟାଲ, ବାଲି ପକାଯିବା ବଦଳରେ ମାଟି ପକାଯାଉଛି। ଫଳରେ ଉକ୍ତ ଉନ୍ନୟନକାର୍ଯ୍ୟର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମ କମିଟି ପକ୍ଷରୁ ଦାବି ହୋଇଛି। ଏ ସଂକ୍ରାନ୍ତରେ ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି କୁହନ୍ତି, ସେ ଅନୁପସ୍ଥିତ ଥିଲେ। ଏ ନେଇ କୌଣସି ଅଭିଯୋଗ ପାଇନାହାନ୍ତି। ତଥାପି ଅନୁଧ୍ୟାନ କରି ଦେଖିବେ।

# ଗଛରେ ପିଟିହେଲା କାର୍: ଯୁବକ ମୃତ

**ସାତମାଇଲ, ୨୦।୪(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ସାତମାଇଲ ଛକ ନିକଟରେ ଗୁରୁବାର ଅପରାହ୍ନ ୫ଟାରେ ଏକ କାର୍ (ସିଜି ୧୩ ଏକ୍ସ ୬୯୦୦) ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଡ୍ରାଇଭର ଏବଂ ଅନ୍ୟ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେମାନଙ୍କ ପରିଚୟ ମିଳିପାରିନାହିଁ। ତେବେ ମୃତାହତ ଛତିଶଗଡ଼ ଅଞ୍ଚଳର ଏବଂ ସେମାନେ କଟକ ବଡ଼ ମେଡିକାଲକୁ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିବା ପୋଲିସ କହିଛି। ସୂଚନା ଅନୁଯାୟୀ, ସମ୍ପୃକ୍ତ ୩ଜଣ ଉକ୍ତ କାର୍‌ରେ ପୁରୁଣା କଟକ–ସମ୍ବଲପୁର ରାସ୍ତାଦେଇ କଟକ ଯାଉଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଗାଡ଼ିର ବାମପାର୍ଶ୍ୱରେ ବସିଥିବା ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଡ୍ରାଇଭର ଏବଂ ପଛରେ ବସିଥିବା ମହିଳା ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ୨ ଗୁରୁତରଙ୍କୁ ଆମ୍ବୁଲାନ୍ସରେ ଅନୁଗୋଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମହିଳା ଜଣକ ଛତିଶଗଡ଼ ରାୟଗଡ଼ ଅଞ୍ଚଳର ବୋଲି କହୁଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ସାତମାଇଲ ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି।

# ଆଉଟ୍‌ସୋର୍ସିଂ ନିଯୁକ୍ତିରେ ଉପେକ୍ଷା ଅଭିଯୋଗ

**ଢେଙ୍କାନାଳ ଅଫିସ, ୨୦।୪**

ଢେଙ୍କାନାଳ ଜିଲା ଚିକିତ୍ସାଳୟରେ ଆଉଟ୍ ସୋର୍ସିଂ ମାଧ୍ୟମରେ ବିଭିନ୍ନ ପଦପଦବୀରେ ହେଉଥିବା ନିଯୁକ୍ତିରେ ସ୍ଥାନୀୟ ଲୋକଙ୍କୁ ଉପେକ୍ଷା ପ୍ରତିବାଦରେ ଭାଜପା ନେତୃବୃନ୍ଦ ଗୁରୁବାର ସିଡିଏମ୍‌ଓ ଡା. ଅଶୋକ ଦାସଙ୍କୁ ଘେରିଛନ୍ତି। ଆସନ୍ତା ୩ ତାରିଖରେ ଆଉଟ୍ ସୋର୍ସିଂ ନେଇଥିବା ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କୁ ଡକାଇ ତାଲିକା ଯାଞ୍ଚ କରି ଏ ସଂକ୍ରାନ୍ତ ପଦକ୍ଷେପ ନିଆଯିବ ବୋଲି ସିଡିଏମ୍‌ଓ ପ୍ରତିଶ୍ରୁତି ଦେଇଛନ୍ତି। ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ହୋଇଥିବା ଘେରାଉ କାର୍ଯ୍ୟକ୍ରମରେ କାଉନ୍‌ସିଲର ନୀରୋଦ ସାହୁ, ଦଳୀୟ ନେତା କରୁଣାକର ଦଳେଇ, ସୁଚିତ୍ର ପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ଟାଉନ ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଭାଜପା ନେତାମାନେ ସିଡିଏମ୍‌ଓଙ୍କ ସହ ଆଲୋଚନା କରୁଛନ୍ତି।

# 'ସଂସ୍କୃତି ବଞ୍ଚାଇବା ପାଇଁ ପାଲା ପ୍ରମୁଖ ମାଧ୍ୟମ'

**ଭୁବନ, ୨୦।୪(ଡି.ଏନ୍.ଏ.)**

ସଂସ୍କୃତି ବଞ୍ଚାଇବା ରଖିବା ପାଇଁ ପାଲା ହେଉଛି ପ୍ରମୁଖ ମାଧ୍ୟମ। ଏହାର ଆଦର କେବଳ ଗ୍ରାମାଞ୍ଚଳରେ ନୁହେଁ, ସହରାଞ୍ଚଳରେ ମଧ୍ୟ ରହିଛି। ସରକାର ଏହାକୁ ଆହୁରି ଗୁରୁତ୍ୱଦେଲେ ପାଲା ସଂସ୍କୃତି ଉଜ୍ଜୀବିତ ହେବ। ଏହାକୁ ମାଧ୍ୟମ କରି ବଞ୍ଚୁଥିବା କଳାକାର, ବାଦ୍ୟକାରମାନେ ଉପକୃତ ହୋଇପାରିବେ। ଢେଙ୍କାନାଳ ଜିଲା ଭୁବନ ବ୍ଲକ ଅନଳ ଗ୍ରାମରେ ଦୁଇଦିନ ଧରି ଚାଲିଥିବା ୨୯ତମ ପାଲା ଗାୟକ ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ ଏହା କହିଛନ୍ତି।

ବ୍ଲକ କଳାସଂସ୍କୃତି ସଂଘ ଉପସଭାପତି ଅଶୋକ ସାମଲଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଂଘ ଉପସଭାପତି ଅବନୀ ମିଶ୍ର, ମୁଖ୍ୟବକ୍ତା ନିଖିଳ ଉତ୍କଳ ପାଲା ଗାୟକ ସଂଘ ସଭାପତି ଦୁର୍ଗାଚରଣ ମିଶ୍ର, ସମ୍ମାନିତ ଅତିଥି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଭଗବାନ ଗୁରୁ ପ୍ରମୁଖ ଯୋଗଦେଇ ପାଲା ସଂସ୍କୃତିର ସଂରକ୍ଷଣ ଲାଗି ଏକାଠି ହେବାକୁ ଆହ୍ୱାନ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପାଲା ଗାୟକ ସଂଘ ସଭାପତି ସୁରେନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ବ୍ଲକ ପାଲା ଗାୟକ ସଂଘ ସଭାପତି ଯୋଗୀନାଥ ନାୟକ, ଜିଲା ପରିଷଦ ସଦସ୍ୟ ରମେଶ ସାହୁ, ସରପଞ୍ଚ ଶ୍ରୀନିବାସ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଉପଲକ୍ଷେ ବରିଷ୍ଠ ପାଲା ଗାୟକଙ୍କୁ ସମ୍ମାନିତ କରାଯାଇଥିଲା। ଦୁଇଦିନ ଧରି ଜିଲାର ୧୦ଟି ଦଳ ପାଲା ପରିବେଷଣ କରିଥିଲେ।


ସମ୍ମାନିତ ହୋଇଥିବା ବରିଷ୍ଠ ପାଲାଗାୟକ ଓ ଅନ୍ୟମାନେ।

# ୧୦ କି.ମି. ପାଇଁ ଖର୍ଚ୍ଚ ହେବ ସାଢ଼େ ୯ କୋଟି

**ପ୍ରଶସ୍ତ ହେବ ଭାଲୁମୁଣ୍ଡା-ସରାଙ୍ଗ ପୂର୍ତ୍ତ ବିଭାଗ ରାସ୍ତା**

**ପରଜଙ୍ଗ, ୨୦।୪(ଡି.ଏନ୍.ଏ.)**




ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଭାଲୁମୁଣ୍ଡାଠାରୁ ସରାଙ୍ଗ ଗ୍ରାମ ନିକଟ ୫୩ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ପ୍ରଶସ୍ତ ହେବ। ଗୁରୁବାର ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡ. ନୃସିଂହ ଚରଣ ସାହୁ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ୧୦ କି.ମି. ଦୀର୍ଘ ଏହି ରାସ୍ତା ନିର୍ମାଣରେ ୯ କୋଟି ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ବ୍ୟୟ ଅଟକଳ ରହିଛି। ଏହି ସଡ଼କ ଦ୍ୱାରା ବ୍ଲକ ଅନ୍ତର୍ଗତ ୩ ଜିଲା ପରିଷଦ ଜୋନ୍‌ର ଜନସାଧାରଣ ଉପକୃତ ହେବ। ଏହାର ନିର୍ମାଣରେ ସହଯୋଗ କରିବାକୁ ବିଧାୟକ ନିବେଦନ କରିଛନ୍ତି।

ଦୀର୍ଘବର୍ଷ ଧରି ଅବହେଳିତ ଅବସ୍ଥାରେ ଥିବା ଉକ୍ତ ସଡ଼କ ସମ୍ପ୍ରସାରଣ କରିବା ଲାଗି ଦାବି ହୋଇ ଆସୁଥିବାବେଳେ ପୂର୍ତ୍ତ ବିଭାଗ ଏଥିଲାଗି ଅଣ୍ଟା ଭିଡ଼ିଛି। ରାସ୍ତା ନିର୍ମାଣ ସମ୍ପର୍କରେ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର କାନୁନ୍‌ଗୋ ସୂଚନା ଦେଇ କହିଛନ୍ତି, ୧୦ କି.ମି. ଦୀର୍ଘ ରାସ୍ତା ମଧ୍ୟରୁ ସାଢ଼େ ୩ କିଲୋମିଟର କଂକ୍ରିଟ ହେବ। ଅବଶିଷ୍ଟ ୬.୫ କିଲୋମିଟର ରାସ୍ତା ପିଚୁ ଢଳେଇ କରାଯିବ। ରାସ୍ତା ୨୦ ଫୁଟରୁ ଉର୍ଦ୍ଧ୍ୱ ଓସାର ହେବ। ଆସନ୍ତା ଡିସେମ୍ବର ସୁଦ୍ଧା କାର୍ଯ୍ୟ ସମ୍ପନ୍ନ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ଯନ୍ତ୍ରୀ କାନୁନ୍‌ଗୋ ସୂଚନା ଦେଇଛନ୍ତି। ଏହି ଅବସରରେ ବ୍ଲକ ବିଜେଡି ସଭାପତି କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ବିଳାସିନୀ ସେଠୀ, ଜିଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ରୁନୁ ବର୍ମା, ଆମ୍ବା ଅଧ୍ୟକ୍ଷ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ବେହେରା, ବ୍ଲକ ଯୁବ ବିଜେଡି ସଭାପତି ସୁବ୍ରତ କୁମାର ଦାସ, କନ୍ଦରସିଂହା ଗ୍ରାମ ସଭାପତି ସଚ୍ଚିଦାନନ୍ଦ ବିଶ୍ୱାଳ, ଠିକାଦାର ପ୍ରଦୀପ ପ୍ରଧାନ, ଦିଲୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଡୁମାଳ ସମାଜକୁ ଶୃଙ୍ଖଳିତ କରାଯିବାକୁ ପ୍ରସ୍ତାବ

ମାଧପୁର,୨୦।୪: ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କନ୍ଧପଡ଼ାସ୍ଥିତ ମାହେଶ୍ୱରୀ ସଂସ୍କୃତି ଭବନଠାରେ କନ୍ଧପଡ଼ା କେନ୍ଦ୍ର ଡୁମାଳ ସମାଜର ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କନ୍ଧପଡ଼ା କେନ୍ଦ୍ରର ସଭାପତି ଚତୁର୍ଭୁଜ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ଅନୁଗୋଳ ଜିଲା ସଭାପତି ଭଗବାନ ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ସମାଜକୁ ଶୃଙ୍ଖଳିତ ଏବଂ ସୁଦୃଢ଼ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ ହୋଇଥିଲା। ଏଥିସହିତ କନ୍ଧପଡ଼ା କେନ୍ଦ୍ର ମଧ୍ୟରେ ଥିବା ବିଭିନ୍ନ ସମସ୍ୟା ସମାଧାନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ବୌଦ୍ଧ ଜିଲା ସଭାପତି ସିତାଂଶୁ ଶେଖର ମହାଖୁଡ, ସମ୍ବଲପୁର ଜିଲା ଉପସଭାପତି ଭକ୍ତଚରଣ କର୍ଣ୍ଣ, ରେଢ଼ାଖୋଲର ଗୌରୀ ଶଙ୍କର ପାତ୍ର, ବୌଦ୍ଧ ବାମଣ୍ଡା କେନ୍ଦ୍ର ସଭାପତି ଗରୁଡ଼ଧ୍ୱଜ ପ୍ରଧାନ, ସମ୍ପାଦକ କୈଳାସ କର୍ଣ୍ଣ, ଅନୁଗୋଳ ଜିଲା ସମ୍ପାଦକ ଯଜ୍ଞେଶ୍ୱର ମହାଖୁଡ, ଉପସଭାପତି ସୁଧାଂଶୁ ଗାଇଗରିଆ, ଅଏଡା କେନ୍ଦ୍ର ସଭାପତି କ୍ଷୀରୋଦ ବଘାର, ଲୁଣହାଣ୍ଡି କେନ୍ଦ୍ର ସଭାପତି ଯତୀନ୍ଦ୍ର କଳତା, ସମ୍ପାଦକ ପ୍ରଦୀପ ଚାଉଳିଆ, ଉପଦେଷ୍ଟା ଦେବେନ୍ଦ୍ର ପ୍ରଧାନ, କନ୍ଧପଡ଼ା କେନ୍ଦ୍ର ସମ୍ପାଦକ ବସନ୍ତ ମେଣ୍ଟୁଳୀ ପ୍ରମୁଖ ଉପସ୍ଥିତ ଥିଲେ। କନ୍ଧପଡ଼ା କେନ୍ଦ୍ରର ଶତାଧିକ ଲୋକ ଉପସ୍ଥିତ ରହି ଏହି ବୈଠକରେ ସହଯୋଗ କରିଥିଲେ।

# 'ସୁବିଧା'ର ସୁଯୋଗ ନେବେ ସହରବାସୀ




ଅନୁଗୋଳ ଅଫିସ, ୨୦।୪

■ଲୋକଙ୍କ ପାଖକୁ ଗଲା ପ୍ରଶାସନ
■୧ନଂ. ୱାର୍ଡରେ ହେଲା ଅଭିଯୋଗ ଶୁଣାଣି
■ପୌରାଞ୍ଚଳ ବାସିନ୍ଦାଙ୍କ ସମସ୍ୟା ସମାଧାନ କରାଯିବ

ଟାଇଁ ଟାଇଁ ଖରାରେ ସହରୀ ଲୋକମାନେ ଏଣିକି ବିଭିନ୍ନ ସମସ୍ୟା ନେଇ ଆଉ ପୌର ପ୍ରଶାସନ ନିକଟକୁ ଧାଇଁବେ ନାହିଁ। ପୌର କର୍ତ୍ତୃପକ୍ଷ ସେମାନଙ୍କ ୱାର୍ଡରେ ପହଞ୍ଚି ଅଭିଯୋଗ ଶୁଣିବେ ଓ ତାହାର ସମାଧାନ ପାଇଁ ପଦକ୍ଷେପ ନେବେ। ସରକାରଙ୍କ ନିର୍ଦ୍ଦେଶକ୍ରମେ ଅନୁଗୋଳ ପୌରପାଳିକା ପକ୍ଷରୁ ଗୁରୁବାର 'ସୁବିଧା' ଯୋଜନା କାର୍ଯ୍ୟକାରୀ କରାଯାଇଛି। ପୌରାଞ୍ଚଳର ୧ନଂ. ୱାର୍ଡରେ ଏ ଯୋଜନାରେ ଅଭିଯୋଗ ଶୁଣାଣି କରାଯାଇଥିବା ସୂଚନା ମିଳିଛି। ଏହି ଯୋଜନା ଆସନ୍ତା ମେ ୧୮ ତାରିଖ ପର୍ଯ୍ୟନ୍ତ ସମସ୍ତ ୨୩ଟି ୱାର୍ଡରେ କାର୍ଯ୍ୟକାରୀ କରାଯିବ ବୋଲି ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ସୂଚନା ଦେଇଛନ୍ତି।

ଅନୁଗୋଳ ପୌରପାଳିକା ପକ୍ଷରୁ ଚିଠି ନଂ. ୧୧୨୨/୧୮।୪।୨୦୨୩ରେ ଉଲ୍ଲେଖ କରାଯାଇଛି ଯେ, ସହରାଞ୍ଚଳ ଲୋକମାନେ ବିଭିନ୍ନ ସମସ୍ୟା ନେଇ ଏ କାର୍ଯ୍ୟାଳୟ ସେ କାର୍ଯ୍ୟାଳୟ ହେଉଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ କାରଣରୁ ଲୋକମାନେ ସମସ୍ୟାରେ ପଡୁଛନ୍ତି। ତେଣୁ ସହରୀ ଲୋକଙ୍କ ଅଭିଯୋଗ ଶୁଣିବାକୁ 'ସୁବିଧା' ଯୋଜନା କାର୍ଯ୍ୟକାରୀ କରାଯାଇଛି। ପ୍ରତ୍ୟେକ ୱାର୍ଡରେ ସକାଳ ୯ଟା ୩୦ରୁ ୧୦ଟା ୩୦ ପର୍ଯ୍ୟନ୍ତ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହା ବ୍ୟତୀତ ପୂର୍ବାହ୍ନ ୧୧ଟା ୩୦ରୁ ମଧ୍ୟାହ୍ନ ୧୨ଟା ୩୦ ପର୍ଯ୍ୟନ୍ତ ପୌର କାର୍ଯ୍ୟାଳୟରେ ମଧ୍ୟ ଅଭିଯୋଗ ଶୁଣାଣି ହେବ। ଏଥିରେ ପୌରାଞ୍ଚଳବାସୀ ପରିମଳ ସେବା, ପଥପାର୍ଶ୍ୱ ଆଲୋକ, ପାନୀୟ ଜଳ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭତ୍ତା, ରାସ୍ତା ଓ ନାଳ ନିର୍ମାଣ, ଜମିବାଡ଼ି ସମସ୍ୟା ଉପରେ ଅଭିଯୋଗ କରିପାରିବେ। ୱାର୍ଡରେ ଥିବା ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା କରିପାରିବେ। ଯୋଜନାର ପ୍ରଥମ ଦିନରେ ପୌରପାଳିକାର ୧ନଂ. ୱାର୍ଡରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସ୍ତା ପାର୍ଶ୍ୱ ଆଲୋକ, ଡ୍ରେନ୍ ଆଦି ସମସ୍ୟା ସମ୍ପର୍କରେ ଲୋକମାନେ ଅଭିଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ପିଏଚ୍‌ଡି ଆସିଷ୍ଟାଣ୍ଟ ଇଞ୍ଜିନିୟର କାଳନ୍ଦୀ ସାମଲ, ସଦର ରାଜସ୍ୱ ଅଧିକାରୀ ମଛିନ୍ଦ୍ର ମଇତ୍ରି ରଞ୍ଜନ ସାହୁ, ପୌର ନିର୍ବାହୀ ଯନ୍ତ୍ରୀ ରବିନ ଦାସ, ପରିମଳ କର୍ମଚାରୀ ସୂର୍ଯ୍ୟକାନ୍ତ ସ୍ୱାଇଁ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ୱାର୍ଡବାସୀଙ୍କ ପାଇଁ ଖୁସି ଖବର



ପୌରପାଳିକାର ବିଭିନ୍ନ ବିଭାଗର ଅଧିକାରୀମାନେ ଏକା ସମୟରେ ୱାର୍ଡକୁ ଆସି ବିଭିନ୍ନ ଅଭିଯୋଗ ଶୁଣିବେ। ଏହା ୱାର୍ଡବାସୀଙ୍କ ପାଇଁ ଅତ୍ୟନ୍ତ ଖୁସି ଖବର। କାରଣ ଏବେ ସହଜରେ ସେମାନଙ୍କ ସମସ୍ତ କାମ ହୋଇଯିବ।

-ସୁମିତ କୁମାର ପ୍ରଧାନ, ୨ନଂ. ୱାର୍ଡ

### ୱାର୍ଡର ଉନ୍ନତିରେ ସହାୟକ ହେବ



ଟାଣ ଖରା ଯୋଗୁ ହେଉ ପଛେ ପ୍ରଶାସନ ଲୋକଙ୍କ ନିକଟକୁ ଆସି ହାତ ପାଆନ୍ତାରେ ସୁବିଧା ପହଞ୍ଚାଇବ। ସେମାନଙ୍କ ଅଭିଯୋଗ ଶୁଣି ତାହାର ସମାଧାନ କରିବ। ଏହି ଯୋଜନା ଦ୍ୱାରା ୱାର୍ଡ ଓ ୱାର୍ଡବାସୀଙ୍କ ଉନ୍ନତି ହେବ।

-ବିଶ୍ୱେଶ୍ୱର ସାହୁ, ୧୯ନଂ. ୱାର୍ଡ

### ତ୍ୱରିତ ସମାଧାନ ଆଶା



ପ୍ରଥମ କରି ୧ନଂ. ୱାର୍ଡରେ ସୁବିଧା କାର୍ଯ୍ୟକ୍ରମ ଆରମ୍ଭ ହେଲା। ଏହାପରେ ଅନ୍ୟ ୱାର୍ଡର ଲୋକମାନେ ଏହି ଯୋଜନାର ଲାଭ ନେଇପାରିବେ। ଭତ୍ତାଠାରୁ ଆରମ୍ଭ କରି ଆବାସ, ଡ୍ରେନ୍ ସଫେଇ ଆଦି ସମସ୍ୟାର ତ୍ୱରିତ ସମାଧାନ ହେବା ନେଇ ଆଶା ବଢ଼ିଯାଇଛି।

-ଯୋଗେଶ ପ୍ରଧାନ, ୧ନଂ. ୱାର୍ଡ

### ବିଭିନ୍ନ ଅଭିଯୋଗ ଆସିଛି



ପ୍ରଚଣ୍ଡ ଖରାକୁ ଦୃଷ୍ଟିରେ ରଖି ଲୋକଙ୍କ ନିକଟକୁ ଯାଇ ସେବା ଯୋଗାଇବା ପାଇଁ ସରକାର ଓ ଜିଲା ପ୍ରଶାସନ ଏହି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ପ୍ରଥମ ଦିନରେ ୧ନଂ. ୱାର୍ଡର ଲୋକମାନେ ବିଭିନ୍ନ ଅଭିଯୋଗ କରିଥିଲେ। ତୁରନ୍ତ ଏହାର ସମାଧାନ କରାଯିବ।

-ଗିରିଜା ଶଙ୍କର ମଲ୍ଲିକ, ପୌର ନିର୍ବାହୀ ଅଧିକାରୀ, ଅନୁଗୋଳ

# ତାତିରୁ ମିଳୁନି ତ୍ରାହି

## ଖରାରେ ଆଉଟୁପାଉଟୁ ଅନୁଗୋଳବାସୀ



ଅନୁଗୋଳ ଅଫିସ, ୨୦।୪

ସକାଳୁ ହେଉଛି ମୁଣ୍ଡଫଟା ଖରା। ଅସହ୍ୟ ହୋଇପଡୁଛି ତାତି। ମଧ୍ୟାହ୍ନରେ ଝାଞ୍ଜି ପବନ ଯୋଗୁ ଆଉଟୁପାଉଟୁ ହେଉଛନ୍ତି ଅନୁଗୋଳବାସୀ। ଦିନକୁ ଦିନ ପାରଦ ବଢ଼ିଚାଲିଥିବା ବେଳେ କାଳବୈଶାଖୀର ଦେଖା ନ ଥିବାରୁ ତାତିରୁ ତ୍ରାହି ପାଉନାହାନ୍ତି ସହରବାସୀ। ଗତ ୩ ଦିନ ହେବ ଅନୁଗୋଳରେ ପାରଦ ୪୩ ଡିଗ୍ରୀ ଉପରେ ରହୁଥିବାବେଳେ ଗୁରୁବାର ୪୨.୧ ଡିଗ୍ରୀ ରହିଥିଲା। କିନ୍ତୁ ଝାଞ୍ଜି ପବନ ଯୋଗୁ ଦିନତମାମ ଅହସ୍ୟ ତାତି ଅନୁଭୂତ ହୋଇଥିଲା। ସକାଳ ୮ଟାରୁ ସହର ତାତି ଉଠୁଥିବାରୁ ପୂର୍ବାହ୍ନରୁ ହିଁ ଖାଁ ଖାଁ ହୋଇଯାଉଛି ପରିବେଶ। ମଧ୍ୟାହ୍ନରେ ଜନଶୂନ୍ୟ ହୋଇଯାଉଛି ସଡ଼କ। ଅତି ଜରୁରୀ କାର୍ଯ୍ୟ ନ ଥିଲେ ଲୋକେ ବାହାରକୁ ଯାଉ ନ ଥିବା ବେଳେ ପ୍ରଶାସନ ପକ୍ଷରୁ ମଧ୍ୟ ଏ ନେଇ ଘନ ଘନ ସତର୍କତା ଜାରି କରାଯାଉଛି। ବାହାରକୁ ଯାଉଥିଲେ ସାଙ୍ଗରେ ଛତା, ପାଣି, ଗାମୁଛା ଆଦି ନେବାକୁ ସଚେତନ କରାଯାଉଛି।

# ସାକସିଙ୍ଗାରେ ହେବ ଅଖିମୁଠି ଅନୁକୂଳ

ଅନୁଗୋଳ ଅଫିସ, ୨୦।୪

■ଲକ୍ଷେ ୭୩ ହଜାର ହେକ୍ଟରରେ ହେବ ଚାଷ
■ରାଜ୍ୟ ସରକାରଙ୍କ ମିଲେଟ ମିଶନକୁ ଦିଆଯିବ ଗୁରୁତ୍ୱ

ଆସନ୍ତା ୨୩ ତାରିଖରେ ଅକ୍ଷୟତୃତୀୟା। ବିଲକୁ ଅଖିମୁଠି ନେବାକୁ ଚାଷୀ ପ୍ରସ୍ତୁତ ହେଉଥିବା ବେଳେ ଅନୁଗୋଳ ଜିଲା କୃଷି ବିଭାଗ ପକ୍ଷରୁ ମଧ୍ୟ ଜିଲାସ୍ତରୀୟ ଅଖିମୁଠି ଅନୁକୂଳ କରିବାକୁ ସଜବାଜ ଆରମ୍ଭ ହୋଇଛି। ଚଳିତବର୍ଷ ବଣ୍ଠରପାଳ ବ୍ଲକ ସାକସିଙ୍ଗାରେ ଏହି ଜିଲାସ୍ତରୀୟ ଅଖିମୁଠି ଅନୁକୂଳ କାର୍ଯ୍ୟ କରାଯିବ। ସକାଳ ୮ଟାରୁ ୧୧ଟା ମଧ୍ୟରେ ଏକ ସାଧାରଣ ସଭାର ଆୟୋଜନ କରାଯିବା ସହ ଅଖିମୁଠି ଅନୁକୂଳ କରାଯିବ। ଜିଲାପାଳଙ୍କ ସହ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ଜିଲାରେ ଚଳିତବର୍ଷ ୧ ଲକ୍ଷ ୭୩ ହଜାର ହେକ୍ଟର ଜମିରେ ଖରିଫ ଚାଷ କରାଯିବ ବୋଲି ଜିଲା କୃଷି ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି।

ଚାଷ ପାଇଁ ଚଳିତବର୍ଷ ପାଗ ଅନୁକୂଳ ରହିବ। ଏହାକୁ ଦୃଷ୍ଟିରେ ରଖି ଜିଲା କୃଷି ବିଭାଗ ପକ୍ଷରୁ ଖରିଫ ଚାଷ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ଚଳିତବର୍ଷ ଜିଲାରେ ୧ ଲକ୍ଷ ୭୩ ହଜାର ହେକ୍ଟର ଜମିରେ ଚାଷ କାର୍ଯ୍ୟ କରାଯିବ। ଏଥିରେ ରାଜ୍ୟ ସରକାରଙ୍କ ମିଲେଟ୍ ମିଶନ୍‌ରେ ମାଣ୍ଡିଆକୁ ସ୍ୱତନ୍ତ୍ର ଭାବେ ଗୁରୁତ୍ୱ ପ୍ରଦାନ କରାଯାଇ ୩ ହଜାର ୧୫୦ ହେକ୍ଟର ଜମିରେ ଏହି ଚାଷ କରାଯିବ। ଏଥିସହ ସୁଆଁ, କୋଦ, ସର୍ଗମ୍‌କୁ ମଧ୍ୟ ପ୍ରାଧାନ୍ୟ ଦିଆଯିବ। ୮୧ ହଜାର ୭୫୦ ହେକ୍ଟର ଜମିରେ ଧାନ, ୨୯ ହଜାର ହେକ୍ଟରରେ ଡାଲି, ୧୭ ହଜାର ହେକ୍ଟରରେ ତୈଳ ବୀଜ, ୩୩ ହଜାର ହେକ୍ଟରରେ ପନିପରିବା, ୬ ହଜାର ହେକ୍ଟରରେ ମସଲା ଜାତୀୟ ଚାଷ କରାଯିବ। ଏ ନେଇ ଜିଲା ମୁଖ୍ୟ କୃଷି ଅଧିକାରୀ ପନେଲ କୁମାର ସ୍ୱାଇଁ କହିଛନ୍ତି, ଚାଷୀମାନେ ଯେଉଁ କୃଷି ଋଣ ନେଉଛନ୍ତି, ତାହାକୁ ଠିକ୍ ସମୟରେ ପରିଶୋଧ କରନ୍ତୁ। ଏକ ବର୍ଷ ମଧ୍ୟରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଲେ ସୁଧ ପ୍ରଦାନ କରିବାକୁ ପଡ଼ିବ ନାହିଁ। ସେହିପରି ବିହନ ଓ ସାର ମେ ମାସରୁ ବିଭିନ୍ନ ପାକ୍ସରେ ଉପଲବ୍ଧ ହେବ।

# ଅଗ୍ନି ନିରାପତ୍ତା କୌଶଳ ପ୍ରଦର୍ଶନ



କଣିହାଁ,୨୦।୪(ଡି.ଏନ.ଏ.)

କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର କଣିହାଁ ଅଗ୍ନିଶମ ବିଭାଗ ତରଫରୁ ଅଗ୍ନି ନିରାପତ୍ତା କୌଶଳ ପ୍ରଦର୍ଶନ ସହିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ସହିତ ଗ୍ୟାସ ଅଗ୍ନିକାଣ୍ଡରୁ ରକ୍ଷା ନିମନ୍ତେ ନିରାପତ୍ତା କୌଶଳ ପ୍ରଦର୍ଶନ କରାଯାଇଥିଲା। ଅତିଥି ଭାବେ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରର ଜନସାସ୍ଥ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁମନ୍ତ କୁମାର ପଟେଲ ଯୋଗ ଦେଇଥିଲେ। କଣିହାଁ ଅଗ୍ନିଶମ ବିଭାଗ ଅଧିକାରୀ ବ୍ରହ୍ମରବର ମହାନ୍ତି, ଦମକଳବାହିନୀର ସରୋଜ ନାୟକ, ତ୍ରିନାଥ ସାମଲ, ବିପିନି ମାଝି, ଡିଲେଶ୍ୱର ବେହେରା, ଭବାନୀ ସାହୁ, ବିକ୍ରମ ସାହୁ ପ୍ରମୁଖ ଯୋଗଦେଇ କୌଶଳ ପ୍ରଦର୍ଶନରେ ସହଯୋଗ କରିଥିଲେ।




### ବ୍ରାହ୍ମଣୀଦେଇ ଗ୍ରାମରେ ରାଜସ୍ୱ ମେଳା

ବଇଣ୍ଡା,୨୦।୪(ଡି.ଏନ.ଏ.)

କିଶୋରନଗର ବ୍ଲକ ବ୍ରାହ୍ମଣୀଦେଇ ଗ୍ରାମରେ ଗୁରୁବାର ତହସିଲ ପକ୍ଷରୁ ରାଜସ୍ୱ ମେଳା ଅନୁଷ୍ଠିତ ହୋଇଯାଇଛି। ହିଣ୍ଡିଡିରା ଆର୍‌ଆଇ ସଦାନନ୍ଦ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୃନ୍ଦାବନ ସାହୁ, କୁଶ ନାୟକଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ଅଧିକାରୀମାନେ ଗାଁରେ ଥିବା ଲୋକଙ୍କୁ ସେମାନଙ୍କ ଜେଜେ ବାପା, ଜେଜେ ମା' ଓ ବାପାଙ୍କ ନାମରେ ଥିବା ସମସ୍ତ ପଟ୍ଟା କିଭଳି ସରକାରୀ ନିୟମ ଅନୁସାରେ ନିଜ ନାଁକୁ ପରିବର୍ତ୍ତନ କରିପାରିବେ ସେ ସମ୍ପର୍କରେ ଅବଗତ କରାଇଥିଲେ। ଆଖପାଖ ଗ୍ରାମର ବହୁ ଲୋକ ଏହି ମେଳାରେ ଯୋଗ ଦେଇଥିଲେ।

# ଅଂଶୁଘାତ ମୃତ୍ୟୁ ରୋକିବା ଉପରେ ଗୁରୁତ୍ୱ

ଆଠମଲ୍ଲିକ, ୨୦।୪ (ଡି.ଏନ.ଏ.)

ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପରିସରରେ ଗୁରୁବାର ଅଧ୍ୟକ୍ଷା ଆଶାକୁମାରୀ ସାହୁଙ୍କ ଅଧ୍ୟକ୍ଷତାରେ ସହର ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିପର୍ଯ୍ୟୟ ସମୟରେ ସହରରେ କେମିତି ଏହାର ମୁକାବିଲା କରାଯାଇପାରିବ ଏବଂ ଏଥିରେ ଏନଏସି କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଶେଷକରି ବନ୍ୟା ଆସିଲେ ଏନଏସିର ୯ ନମ୍ବର ୱାର୍ଡରେ ପାଣି ପଶିଯାଇଥାଏ। ତେଣୁ ଏହି ୱାର୍ଡକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ଆଲୋଚନା କରାଯାଇଥିଲା। ସେହିପରି ବର୍ତ୍ତମାନ ଗ୍ରୀଷ୍ମ ଋତୁରେ ଅଂଶୁଘାତ ଜନିତ ମୃତ୍ୟୁକୁ ରୋକିବା ପାଇଁ ପଦକ୍ଷେପ ନେବା ସହ ଜନସାଧାରଣଙ୍କୁ ସଚେତନ କରାଯିବା ପାଇଁ ପ୍ରୟାସ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଜିଲା ସଂଯୋଜକ ପ୍ରଦୀପ କୁମାର ପାତ୍ର, ଏନ୍‌ଏସି ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା, ଅଗ୍ନିଶମ ଅଧିକାରୀ ଅରୁଣ ନାଏକ, ପୋଲିସ ଉପ ଆରକ୍ଷୀ ବ୍ରହ୍ମାନନ୍ଦ ସାହୁ, ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ, କାଉନସିଲର ଓ ଏନ୍‌ଏସି କର୍ମଚାରୀମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀମାନେ।

DADLS - 09



ଓଡ଼ିଶା ସରକାର

ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ
ଡଃ. ସଦାଶିବ ତ୍ରିପାଠୀଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୨୧ ଅପ୍ରେଲ, ୨୦୨୩

ସକାଳ ୮ ଘଟିକା ସମୟରେ କ୍ୟାପିଟାଲ ହସ୍ପିଟାଲ ଛକ, ଭୁବନେଶ୍ୱରସ୍ଥିତ ଡଃ. ସଦାଶିବ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି - ଶ୍ରୀଯୁକ୍ତ ମୁନା ଖାଁ, ମାନ୍ୟବର ସାଂସଦ, ରାଜ୍ୟସଭା
ବିଶିଷ୍ଟ ଅତିଥି - ଶ୍ରୀଯୁକ୍ତ ପ୍ରଦୀପ ମାଝୀ, ଉପଦେଷ୍ଟା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ
ସମ୍ମାନନୀୟ ଅତିଥି - ଅବିଭକ୍ତ କୋରାପୁଟ ଜିଲ୍ଲାର ମାନ୍ୟବର ସାଂସଦ ଓ ବିଧାୟକ ବୃନ୍ଦ
- କସ୍ତୁରୀ ମହାପାତ୍ର, ସଂପାଦିକା, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ
ମୁଖ୍ୟବକ୍ତା - ଶ୍ରୀଯୁକ୍ତ ଶୁଭେନ୍ଦୁ ମହାନ୍ତି, ପ୍ରାଧ୍ୟାପକ, ଅର୍ଥନୀତି ବିଭାଗ, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ପରିଷଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0027/2324

# ରାସ୍ତାକୁ ଓହ୍ଲାଇବାକୁ ଭାଜପାର ଚେତାବନୀ

## ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନରେ ବିଳମ୍ବ

ଅନୁଗୋଳ ଅଫିସ, ୨୦।୪

ଅନୁଗୋଳ ଜିଲା ଭାଜପାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲା ସଭାପତି ଦିଲେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଗୁରୁବାର ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋକ ସଭା ପ୍ରଭାରୀ ରାଜ୍ୟ ସମ୍ପାଦକ ସୀମାଞ୍ଚଳ ଖଟେଇ ଯୋଗଦେଇ ବିଭିନ୍ନ ସାଙ୍ଗଠନିକ ଯୋଜନା ସମ୍ପର୍କରେ ଆଲୋଚନା କରିବା ସହ ପ୍ରଧାନମନ୍ତ୍ରୀଙ୍କ ୧୦୦ ତମ 'ମନ କି ବାତ'କୁ ଜିଲାର ବହୁ ସ୍ଥାନରେ ଜନସାଧାରଣଙ୍କୁ ଶୁଣାଇବାକୁ ଉତ୍ସାହିତ କରିଥିଲେ। ଏଥିସହ ଜିଲାର ୫୫ ଭାଗ ଓବିସି ବର୍ଗଙ୍କ ସ୍ୱାର୍ଥ ପ୍ରତି ସରକାର ଧ୍ୟାନ ଦେଉ ନ ଥିବାରୁ ଖୁବ୍‌ଶୀଘ୍ର ଭାଜପା ଜନଜାଗରଣ ସହିତ ଲୋକଙ୍କ ପାଖକୁ ଯିବ ବୋଲି ପ୍ରକାଶ କରିଥିଲେ। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବଣ୍ଟନରେ ବିଳମ୍ବ ହେଉଥିବାରୁ ଏହାର ପ୍ରତିବାଦରେ ଦଳ ରାସ୍ତାକୁ ଓହ୍ଲାଇବ ବୋଲି ବୈଠକରେ ଚେତାବନୀ ଦିଆଯାଇଥିଲା।



ବୈଠକରେ ଉପସ୍ଥିତ ଭାଜପା କର୍ମକର୍ତ୍ତାମାନେ।

ଅନୁଗୋଳ ଜିଲାବାସୀଙ୍କ ପାଇଁ ଆସିଥିବା ୩୨ ହଜାର ପ୍ରଧାନମନ୍ତ୍ରୀ ଆବାସ ଘର ତୁରନ୍ତ ବଣ୍ଟନ କରିବାକୁ ବୈଠକରେ ଭାଜପା ପକ୍ଷରୁ ଦାବି କରାଯାଇଥିଲା। ଏହି ଆବାସ ଗରିବ ହିତାଧିକାରୀଙ୍କୁ ପ୍ରବଳ ଖରା ଓ ଆଗକୁ ଆସୁଥିବା ବର୍ଷା ଦାଉରୁ ରକ୍ଷା କରିବାକୁ ଥିବାରୁ ତୁରନ୍ତ ଜିଲାପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଘର ବଣ୍ଟନ ପାଇଁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି ଦାବି କରିଥିଲେ। ଏହି ସମସ୍ୟା ନେଇ ଖୁବ୍‌ଶୀଘ୍ର ଭାଜପା ଜିଲାବାସୀଙ୍କ ପାଇଁ ରାସ୍ତାକୁ ଓହ୍ଲାଇବ ବୋଲି ଜିଲା ସଭାପତି ପ୍ରଧାନ କହିଥିଲେ। ବୈଠକରେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ପ୍ରଧାନ, ଅଗସ୍ତି ବେହେରା, ଦିଲୀପ ପ୍ରଧାନ, ଯଯାତି ପଟ୍ଟନାୟକ, ମନ କି ବାତ ପ୍ରମୁଖ ଚୌଧୁରୀ ପ୍ରଧାନ, ସାଧାରଣ ସମ୍ପାଦକ ପ୍ରକାଶ ମହାରଣା, ସୁଦୀପ ଗଡନାୟକ, ଅଲେଖ ପ୍ରଧାନ, ବିଶ୍ୱଜିତ ମିଶ୍ର, ବିଜୟ ମାଝି, ଚନ୍ଦନ ସ୍ୱରାଜ, ଜିଲା ପରିଷଦ ସଦସ୍ୟ ଯଶୋବନ୍ତ ବେହେରା, ରତ୍ନାକର ସାହୁ, ସରିତା ମିଶ୍ର, ହରେକୃଷ୍ଣ ପ୍ରଧାନ, ସୁନୀଲ ବିଶ୍ୱାଳ, କାଳନ୍ଦୀ ପ୍ରଧାନ, ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

